## ସଂକ୍ଷେପରେ

### ମଦ ଜବତ, ୪ ଗିରଫ

ଜି.ଉଦୟଗିରି,୩୦ା୧୨(ଡି.ଏନ.ଏ.): ଜି.ଉଦୟଗିରି ପୋଲିସ ପକ୍ଷରୁ ସୋମବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୪୦ ଲିଟର ମଦ ଜବତ ସହ ୪ ଜଣଙ୍କୁ ଗିରଫ କରାଯାଇଛି। କନ୍ଧସାହି, ପାଙ୍ଗାନାଜୁ, ମାଲିକପଡ଼ି ଓ ପଦାସାହି ଆଦି ସ୍ଥାନରୁ ମଦ ଜବତ ହୋଇଥିଲା। ଏ ନେଇ ନଂ. ୧୩୩, ୧୩୪, ୧୩୫, ୧୩୬/୧୯ରେ ମାମଲା ରୁଜୁ କରାଯାଇଥିବା ଏସ୍ଆଇ କୌଶଲ୍ୟା ବେହେରା ଓ ଏଏସ୍ଆଇ ସୁବାସ ଚନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

### ବାଇକ୍ ଦୁର୍ଘଟଣାରେ ଜଣେ ମୃତ

ପାତ୍ରପୁର ୩୦ା୧୨(ଡି.ଏନ୍.ଏ.): ଜରଡ଼ା ଥାନା ସାମନ୍ତିଆପଲ୍ଲୀ ଓ ପାତ୍ରପୁର ମଧ୍ୟସ୍ଥଳରେ ସୋମବାର ସନ୍ଧ୍ୟାରେ ବାଇକ୍ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଟିକିଟି ନିକଟସ୍ଥ ଝଗଡ଼ ଗ୍ରାମର ସୀମାଞ୍ଚଳ ରାଉଳ (୫୦)। ସେ କୌଣସି କାମରେ ତୁମ୍ବା ଯାଇ ଗ୍ରାମକୁ ଫେରିବା ବେଳେ ତାଙ୍କୁ ଏକ ଟ୍ରକ ଧକ୍କା ଦେଇଥିଲା। ଲୋକେ ତାଙ୍କୁ ଉଦ୍ଧାର କରି ପାତ୍ରପୁର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

### ବାଇକକୁ ଧକ୍କାଦେଲା ବସ୍, ଜଣେ ଗୁରୁତର

ଗୋପାଳପୁର,୩୦ା୧୨: ଗୋପାଳପୁର ଥାନା ୧୬ ନଂ. ଜାତୀୟ ରାଜପଥ ପଥରା ଓଭରବ୍ରିଜ ନିକଟରେ ସୋମବାର ଏକ ପିକନିକ୍ ବସ୍ ବାଇକକୁ ଧକ୍କା ଦେବାରୁ ଜଣେ ଗୁରୁତର ହୋଇଛନ୍ତି। ସେ ହେଲେ ବ୍ରହ୍ମପୁର ଶାନ୍ତି ନଗର ଅଞ୍ଚଳର ହରି ପ୍ରସାଦ ଦାଶ । ଏ ନେଇ ନଂ. ୧୪୭/୧୯ରେ ମାମଲା ରୁଜୁ ହୋଇଛି। ପୂର୍ବାହ୍ନରେ ପିକନିକ୍ ବସ୍ ସୋରଡ଼ାରୁ ବଟେଶ୍ୱର ଅଭିମୁଖେ ଯାଉଥିଲା। ଏହି ସମୟରେ ହରି ବାଇକ୍‌ରେ ଯାଉଥିବା ବେଳେ ଓଭରବ୍ରିଜ ନିକଟରେ ବସ୍ ବାଇକକୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକ ଓ ପୋଲିସ ହରିଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଭୁବନେଶ୍ୱର ଏକ ଘରୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଉଭୟ ଗାଡ଼ିକୁ ପୋଲିସ ଜବତ କରି ତଦନ୍ତ ଚଳାଇଥିବା ଗୋପାଳପୁର ଥାନାଧିକାରୀ ବିବେକାନନ୍ଦ ମହନ୍ତ କହିଛନ୍ତି।

### ଧାନମଣ୍ଡି ଉଦ୍‌ଘାଟିତ

ବୁଗୁଡ଼ା,୩୦ା୧୨(ଡି.ଏନ.ଏ.): ବୁଗୁଡ଼ା ବ୍ଲକ ଗୋଲିଆ ସେବା ସମବାୟ ସମିତି କାର୍ଯ୍ୟାଳୟରେ ସୋମବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ସେବା ସମବାୟ ସମିତି ସଭାପତି ଇ. ମଦନ ଗୋପାଳ ଦୋରା ଉଦ୍‌ଘାଟନ କରିଥିଲେ। ୧୦ ଜଣ ଚାଷୀଙ୍କଠାରୁ ୩୩୫ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସରପଞ୍ଚ ମନୋରମା ପ୍ରଧାନ ଏବଂ ମାନସ ରଞ୍ଜନ ପ୍ରଧାନ, ଦଣ୍ଡପାଣି ସ୍ୱାଇଁ, ପଞ୍ଚୁ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସମବାୟ ସମିତି ସମ୍ପାଦକ ଶିବ ଶଙ୍କର ମହାପାତ୍ର ପରିଚାଳନା କରିଥିଲେ।

### ଓକିଲଙ୍କ ଘରୁ ଚୋରି ଘଟଣା
### ଟେର୍ ପାଉନି ପୋଲିସ

ବ୍ରହ୍ମପୁର ଅଫିସ,୩୦ା୧୨: ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଖୋଡାସଙ୍ଗି ନିକଟସ୍ଥ ଭରତ ବିହାରରେ ରହୁଥିବା ଆଇନଜୀବୀ ଦିଲୀପ କୁମାର ପାଢ଼ୀଙ୍କ ଘରୁ ଦୁର୍ବୃତ୍ତମାନେ ଟଙ୍କା ଓ ସୁନା ଗହଣା ଚୋରି କରି ନେବାର ଏକ ମାସ ବିତିଗଲାଣି। ପୋଲିସ ଏହି ଲୁଟେରା ଗ୍ୟାଙ୍ଗକୁ ଠାବ କରିପାରିନାହିଁ। ଦୁର୍ବୃତ୍ତମାନେ ଆଇନଜୀବୀଙ୍କ ଘରୁ ମୋବାଇଲ ଫୋନ ଚୋରି କରି ନେଇଥିବା ବେଳେ ପୋଲିସ ଉକ୍ତ ମୋବାଇଲର ଇଏମ୍ଆଇ ନମ୍ବର ଜରିଆରେ ଟ୍ରାକିଂ କରିଥିଲା। ହେଲେ ଏବେ ସୁଦ୍ଧା ପୋଲିସକୁ ସେମିତି କିଛି ସଫଳତା ମିଳିପାରିନାହିଁ।
ଘଟଣାରୁ ପ୍ରକାଶ, ଗତ ୨୭ ତାରିଖ ରାତି ପ୍ରାୟ ୮ଟାରୁ ୯ ମଧ୍ୟରେ ଦୁର୍ବୃତ୍ତମାନେ ଆଇନଜୀବୀଙ୍କ ଘର ତାଲା ଭାଙ୍ଗି ଭିତରେ ପଶିଥିଲେ। ୨ଟି ଆଲମିରାରେ ଥିବା ୭୮ ହଜାର ଟଙ୍କା, ସୁନା ଓ ରୁପା ସାମଗ୍ରୀ ଚୋରିକରି ନେଇ ଯାଇଥିଲେ। ଅଭିଯୋଗ କ୍ରମେ ପୋଲିସ ନଂ.୨୪୫/୧୯ରେ ଏକ ମାମଲା ରୁଜୁ କରିଥିଲା। ଅନ୍ୟପଟେ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଚୋରଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ କରିଥିଲା।

## ପ୍ରସ୍ତାବରେ ରୋଗୀ ସମ୍ପର୍କୀୟଙ୍କ ବିଶ୍ରାମ ସଦନ

# ଚିହ୍ନଟ ହୋଇଛି ଜାଗା, ଆରମ୍ଭ ହୋଇନି କାମ

ବ୍ରହ୍ମପୁର ଅଫିସ,୩୦ା୧୨

ଦକ୍ଷିଣ ଓଡ଼ିଶାର ଏକମାତ୍ର ଭରସାଯୋଗ୍ୟ ସରକାରୀ ହସ୍ପିଟାଲ ହେଉଛି ବ୍ରହ୍ମପୁର ବଡ ମେଡିକାଲ । ଦକ୍ଷିଣ ଓଡ଼ିଶା ସମେତ ପଡ଼ୋଶୀ ଆନ୍ଧ୍ର ସୀମାନ୍ତ ଖୋର୍ଦ୍ଧା ଓ ପୁରୀ ଜିଲାରେ ରହୁଥିବା ରୋଗୀମାନେ ଉତ୍ତମ ସ୍ୱାସ୍ଥ୍ୟସେବା ପାଇଁ ବଡ ମେଡିକାଲକୁ ଆସୁଛନ୍ତି। ଏହି ହସ୍ପିଟାଲରେ ରୋଗୀଙ୍କ ପାଇଁ ସମସ୍ତ ପ୍ରକାର ସୁବିଧା ରହିଛି । କିନ୍ତୁ ସମ୍ପର୍କୀୟଙ୍କ ରହିବା ପାଇଁ ସେମିତି କିଛି ସୁବିଧା ନାହିଁ । ଫଳରେ ରୋଗୀ ସମ୍ପର୍କୀୟମାନେ ହସ୍ପିଟାଲ ବାରଣ୍ଡା, ପରିସରରେ ଥିବା ଏକ ମଣ୍ଡପ ଇତ୍ୟାଦିରେ ବିଶ୍ରାମ ନେଉଛନ୍ତି । ଏହି ସମସ୍ୟାର ସମାଧାନ ପାଇଁ ପାୱାର ଗ୍ରୀଡ୍ କର୍ପୋରେଶନ ଅଫ ଇଣ୍ଡିଆ ଲିମିଟେଡ୍ ଆଗେଇ ଆସିଛି । ପାୱାର ଗ୍ରୀଡ ତରଫରୁ ଏମ୍‌କେସିଜି ପରିସରରେ ରୋଗୀ ସମ୍ପର୍କୀୟଙ୍କ ସୁବିଧା ପାଇଁ ବିଶ୍ରାମ ସଦନ ନିର୍ମାଣ ନିଷ୍ପତ୍ତି ହୋଇଛି । ଏଥିପାଇଁ ମେଡିକାଲ ପରିସରରେ ଜମି ଚିହ୍ନଟ ପ୍ରକ୍ରିୟା ସମାପ୍ତି ହୋଇଛି । ହେଲେ ଏହି ଯୋଜନା ଏବେ ପ୍ରସ୍ତାବରେ ଅଟକିଛି। ଅନ୍ୟପଟେ ପ୍ରାୟ ୧ ବର୍ଷ ଧରି ଏଭଳି ଯୋଜନା ଅଟକି ରହିଥିବାରୁ ଏହାକୁ ଖୁବଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ମାନବ ଅଧିକାର ସୁରକ୍ଷା ମଞ୍ଚ ଆବାହକ ଅବନୀ ଗୟା ଦାବି କରିଛନ୍ତି।

ଘଟଣାରୁ ପ୍ରକାଶ, ପ୍ରତିଦିନ ଏହି ହସ୍ପିଟାଲରେ ୧ ହଜାର ପାଖାପାଖି ରୋଗୀ ଆଉଟଡୋରକୁ ଆସୁଛନ୍ତି। ଗୁରୁତର ରୋଗୀଙ୍କୁ ଚିକିତ୍ସା ପାଇଁ ମେଡିକାଲ ଇନ୍‌ଡୋରରେ ଭର୍ତ୍ତି କରାଯାଉଛି। ସୁସ୍ଥ ହେବା ଯାଏ ସମ୍ପର୍କୀୟମାନେ ମେଡିକାଲରେ ରୋଗୀଙ୍କୁ ଜଗି ରହୁଛନ୍ତି। ହସ୍ପିଟାଲରେ ରୋଗୀ ସମ୍ପର୍କୀୟମାନଙ୍କ ରହିବା ପାଇଁ ଆବଶ୍ୟକ ସ୍ଥାନ ନ ଥିବାରୁ ସେମାନେ ମେଡିକାଲ ବାରଣ୍ଡାରେ ଦିନରାତି ସମୟ ବିତାଉଛନ୍ତି ।

ପ୍ରକାଶ ଯେ, ପୂର୍ବରୁ ମେଡିକାଲ ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ଯିବା ରାସ୍ତା ନିକଟରେ ଏକ ରୋଗୀ ସମ୍ପର୍କୀୟଙ୍କ ପାଇଁ ବିଶ୍ରାମ ଗୃହ ଥିଲା । ତାହା ବହୁ ବର୍ଷ ହେଲା କୌଣସି କାରଣରୁ ବନ୍ଦ ହୋଇ ରହିଛି । ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ଉକ୍ତ ବିଶ୍ରାମ ଗୃହ ରୁମ୍‌ଗୁଡ଼ିକ ଖତ ଖାଉଛି । ସେହି ରୁମଗୁଡ଼ିକରେ ଏବେ ଭଙ୍ଗା ସାମଗ୍ରୀ ଗଦା ହୋଇ ରହିଛି । ଏହାକୁ ଛାଡ଼ିଦେଲେ ରୋଗୀ ସମ୍ପର୍କୀୟଙ୍କ ରହିବା ପାଇଁ କୌଣସି ସୁବିଧା ନାହିଁ । ଏଣୁ ମେଡିକାଲ ପରିସରରେ ରୋଗୀ ସମ୍ପର୍କୀୟଙ୍କ ପାଇଁ ବିଶ୍ରାମ ଗୃହ ନିର୍ମାଣ ସକାଶେ ଦୀର୍ଘଦିନ ହେଲା ବିଭିନ୍ନ ମହଲରେ ଦାବି ହୋଇ ଆସୁଥିଲା। ଏ ଦିଗରେ ପାୱାର ଗ୍ରୀଡ କର୍ପୋରେଶନ ଆଗେଇ ଆସି ରୋଗୀ ସମ୍ପର୍କୀୟଙ୍କ ସମସ୍ୟା ସମାଧାନ ପାଇଁ ହାତ ବଢ଼ାଇଛି। ପାୱାର ଗ୍ରୀଡ ତରଫରୁ ୨ ଶହ ରୁମ ଥିବା ଏକ ଆପାର୍ଟମେଣ୍ଟ ତିଆରି କରାଯିବ ବୋଲି କୁହାଯାଉଛି। ନିର୍ମାଣ ସରିବା ପରେ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଏହାର ପରିଚାଳନା ଭାର ଦିଆଯିବ ବୋଲି ସୂଚନା ଦିଆଯାଇଛି। ଏ ସମ୍ପର୍କରେ ଏମ୍‌କେସିଜି ମେଡିକାଲ କଲେଜ ଅଧ୍ୟକ୍ଷ ତଥା ଡିନ୍ ପ୍ରଫେସର ରାଧାମାଧବ ତ୍ରିପାଠୀ କହନ୍ତି, ମେଡିକାଲ ପରିସରରେ ରୋଗୀଙ୍କ ସମ୍ପର୍କୀୟ ପାଇଁ ବିଶ୍ରାମ ସଦନ ନିର୍ମାଣ ଲାଗି ଜମି ଚିହ୍ନଟ ପ୍ରକ୍ରିୟା ଶେଷ ହୋଇଛି। ଏ ସଂକ୍ରାନ୍ତୀୟ ସମସ୍ତ କାଗଜପତ୍ର ସରକାରଙ୍କ ନିକଟକୁ ମେଡିକାଲ କର୍ତ୍ତୃପକ୍ଷଙ୍କ ତରଫରୁ ପଠାଇ ଦିଆଯାଇଛି । ରୋଗୀ ସମ୍ପର୍କୀୟ ବିଶ୍ରାମ ସଦନ ନିର୍ମାଣ କାମ ଏବେ ସରକାରଙ୍କ ଉପରେ ନିର୍ଭର କରୁଛି ବୋଲି ସେ କହିଛନ୍ତି ।

ବ୍ରହ୍ମପୁର ବଡ଼ ମେଡିକାଲ



## କ୍ରଶର ମିଲ୍ ହଟାଇବାକୁ ଉପଜିଲାପାଳଙ୍କୁ ଦାବିପତ୍ର

# ଦାବିପୂରଣ ନ ହେଲେ ଆନ୍ଦୋଳନ



ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଦାବିପତ୍ର ପ୍ରଦାନ ପାଇଁ ଆସିଥିବା ଅଞ୍ଚଳବାସୀ ।

ବ୍ରହ୍ମପୁର ଅଫିସ,୩୦ା୧୨

ବ୍ରହ୍ମପୁର-ଲାଠି ମୁଖ୍ୟରାସ୍ତା ପାର୍ଶ୍ୱରେ ଚାଲୁ ରହିଥିବା କ୍ରଶର ମିଲ ସମ୍ପୂର୍ଣ୍ଣ ବେଆଇନ । ଏହାକୁ ତୁରନ୍ତ ହଟାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ଏ ନେଇ ସୋମବାର ଅଞ୍ଚଳବାସୀ ବ୍ରହ୍ମପୁର ଉପଜିଲାପାଳ ସିନ୍ଦେ ଦତ୍ତାତ୍ରୟ ଭାଉସାହେବଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ବ୍ରହ୍ମପୁରରୁ ଲାଠିକୁ ସଂଯୋଗ କରୁଥିବା ରାସ୍ତା ପାର୍ଶ୍ୱରେ ଦୀର୍ଘ ବର୍ଷ ଧରି ଏକ କ୍ରଶର ମିଲ ରହିଛି। ଫଳରେ ଉକ୍ତ ଅଞ୍ଚଳରେ ରହୁଥିବା ପ୍ରାୟ ୮୦ ପରିବାର ମିଲରୁ ବାହାରୁଥିବା ପ୍ରଦୂଷଣ ଦ୍ୱାରା ପ୍ରଭାବିତ ହେଉଛନ୍ତି। ମିଲରୁ ପଥର ଗୁଣ୍ଡ ଅଞ୍ଚଳର ବାୟୁମଣ୍ଡଳକୁ ପ୍ରଦୂଷିତ କରୁଛି । ଏଥିଯୋଗୁ ଆକାଶ ଅନେକ ସମୟରେ ଧୂଆଁଳିଆ ରହୁଛି । ଏହାର ପ୍ରଭାବରେ ଅଞ୍ଚଳବାସୀ ଆଲର୍ଜି, ଆଜମା, ମୁଣ୍ଡବ୍ୟଥା ଭଳି ରୋଗରେ ଆକ୍ରାନ୍ତ ହେଉଛନ୍ତି । ଅନ୍ୟପକ୍ଷରେ ଉକ୍ତ ମିଲର ୨୦୧୨ରୁ ଲାଇସେନ୍ସ ଶେଷ ହୋଇଥିବା ସତ୍ତ୍ୱେ ଏହା ଅଦ୍ୟାବଧି ପରିଚାଳିତ ହେଉଛି । ତେଣୁ ବେଆଇନ ଭାବେ ଚାଲିଥିବା କ୍ରସର ମିଲକୁ ଉକ୍ତ ଅଞ୍ଚଳରୁ ତୁରନ୍ତ ହଟାଯିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ଆସନ୍ତା ଏକ ମାସ ମଧ୍ୟରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଅଞ୍ଚଳବାସୀ ଆନ୍ଦୋଳନ ପନ୍ଥା ଆପଣାଇବାକୁ ଚେତାବନୀ ଶୁଣାଇଛନ୍ତି । ଦାବିପତ୍ର ପ୍ରଦାନ ବେଳେ ଡ. ତ୍ରିନାଥ ନାୟକ, ରାମଚନ୍ଦ୍ର ସାହୁ, ପ୍ରିତମ ପାତ୍ର, ପ୍ରଦୀପ ସାହୁ, ଦାମୋଦର ପାଢ଼ୀ ଓ ଗୋବିନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ରୋଲାଣ୍ଡ ଜୁନିୟର କଲେଜର ବାର୍ଷିକୋତ୍ସବ

# ଶୃଙ୍ଖଳିତ ଅଧ୍ୟୟନ, ସୁନାଗରିକ ହେବାକୁ ପରାମର୍ଶ




ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି ।

ବ୍ରହ୍ମପୁର ଅଫିସ,୩୦ା୧୨

ବ୍ରହ୍ମପୁର ଲାଞ୍ଜିପଲ୍ଲିସ୍ଥିତ ରୋଲାଣ୍ଡ ଜୁନିୟର କଲେଜର ବାର୍ଷିକୋତ୍ସବ ‘ପ୍ରେରଣା-୨୦୧୯’ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ଶିକ୍ଷା ପରିଷଦ ଆଞ୍ଚଳିକ ନିର୍ଦ୍ଦେଶକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ ଶୃଙ୍ଖଳିତ ଅଧ୍ୟୟନ ସହ ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରଶାସନିକ ମୁଖ୍ୟ ଡ. ସତ୍ୟବ୍ରତ ପାତ୍ର ଯୋଗଦେଇ ଦେଶ ବିକାଶରେ ବିଦ୍ୟାର୍ଥୀଙ୍କ ଭୂମିକା ଓ ଦାୟିତ୍ୱ ଉପରେ ସଚେତନ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନ ଚେୟାରମ୍ୟାନ ଡ. ଜେ. ସୂର୍ଯ୍ୟା ରାଓ, ନିର୍ଦ୍ଦେଶିକା ଜେ. ଜୟଲକ୍ଷ୍ମୀ, ନିର୍ଦ୍ଦେଶକ ଇ. ଶିବ ପ୍ରସାଦ ରାଓ, ସମ୍ପାଦକ ଇଂ. ପ୍ରଶାନ୍ତ କୁମାର ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବନବିହାରୀ ପାଣିଗ୍ରାହୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଉପାଧ୍ୟକ୍ଷ ସୋମନାଥ ମହାପାତ୍ର, ଅଧ୍ୟାପକ ଉମାକାନ୍ତ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପକ ସୁକାନ୍ତ କୁମାର ବାଡତ୍ୟା ଧନ୍ୟବାଦ ଦେଇଥିଲେ ।

### ହିନ୍ଦ୍ ମଜଦୁର ସଭାର ପ୍ରତିଷ୍ଠା ଦିବସ

ବ୍ରହ୍ମପୁର ଅଫିସ,୩୦ା୧୨

କେନ୍ଦ୍ରୀୟ ଶ୍ରମିକ ସଂଗଠନ ହିନ୍ଦ ମଜଦୁର ସଭାର ୭୧ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବ୍ରହ୍ମପୁର କମାପଲ୍ଲୀସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ସଂଗଠନ ଗଞ୍ଜାମ ଜିଲା କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ସଂଯୋଜକ ସତ୍ୟନାରାୟଣ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ । ବରିଷ୍ଠ ଶ୍ରମିକ ନେତା ରବି ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗଞ୍ଜାମ ଜିଲାରେ ସଂଗଠନକୁ ସୁଦୃଢ ଓ ଶକ୍ତିଶାଳୀ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓଡିଶା ମେଡିକାଲ କର୍ମଚାରୀ ସଂଘ ରାଜ୍ୟ ଉପସଭାପତି ସୁକାନ୍ତ ମୁଖୀ, ଅସ୍ଥାୟୀ ପୌର କର୍ମଚାରୀ ସଂଘ ରାଜ୍ୟ ଉପସଭାପତି ଶୁଭେନ୍ଦୁ ସୁନ୍ଦର ନାୟକ, ଜିଡି କର୍ମଚାରୀ ସଂଘ ସମ୍ପାଦକ ଉତ୍ସବ ସାବତ, ତ୍ରିନାଥ ଠାକୁର ପଟ୍ଟାରିକ୍ସା ସଂଘ ସମ୍ପାଦକ ଘନଶ୍ୟାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଶିବରାମ ପଣ୍ଡା, ନଗର ଚିକିତ୍ସାଳୟର ଟୁନା ଜେନା, ରବୀନ୍ଦ୍ର ନାୟକ, ରବିନାରାୟଣ ବେହେରା, ଆଇନଜୀବୀ ପ୍ରଣବ ପାଢ଼ୀ, ପ୍ରଭାତ ମିଶ୍ର ଓ ସୁଶାନ୍ତ କରଙ୍କ ସମେତ ସଂଗଠନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତା ୨ ମାସ ମଧ୍ୟରେ ସଂଗଠନର ଜିଲାସ୍ତରୀୟ ସମ୍ମିଳନୀ ଆୟୋଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା । ପବିତ୍ର ଚୌଧୁରୀ ଧନ୍ୟବାଦ ଦେଇଥିଲେ ।

# ସାହିତ୍ୟ ବନ୍ଧୁ ମହୋତ୍ସବ ୧୨ରେ



ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ଉତ୍ସବର ପୋଷ୍ଟର ଉନ୍ମୋଚନ କରୁଛନ୍ତି ।

ବ୍ରହ୍ମପୁର ଅଫିସ,୩୦ା୧୨

ସାହିତ୍ୟ ବନ୍ଧୁ ମହୋତ୍ସବ ଆସନ୍ତା ୧୨ତାରିଖରେ ବ୍ରହ୍ମପୁରରେ ଆୟୋଜିତ ହେବ। ଓଡ଼ିଶା ଫାଇଲ୍ସ ପକ୍ଷରୁ ଆୟୋଜିତ ମହୋତ୍ସବରେ ରାଜ୍ୟ ଓ ବାହାରର ୨୫ ଜଣ ବରିଷ୍ଠ ସାହିତ୍ୟିକଙ୍କୁ ସାହିତ୍ୟ ବନ୍ଧୁ ସମ୍ମାନରେ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଛି । ସୋମବାର ଗଞ୍ଜାମ କଳା ପରିଷଦ ପରିସରରେ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଓଡ଼ିଆ ଭାଷା, ସାହିତ୍ୟର ବିକାଶ ସହ ନୂତନ ସାହିତ୍ୟିକ, ଲେଖକ, କବୟିତ୍ରୀ, କବିଙ୍କୁ ଉତ୍ସାହିତ କରିବା ଏହି ମହୋତ୍ସବର ମୂଳ ଉଦ୍ଦେଶ୍ୟ । ଏହି ମହୋତ୍ସବରେ ସମ୍ମାନିତ ସାହିତ୍ୟିକଙ୍କ ମଧ୍ୟରେ ପ୍ରଶାନ୍ତ କୁମାର ନାହାକ, ଦୀପ୍ତିରେଖା ମିଶ୍ର, ଦେବଦତ୍ତ ମିଶ୍ର, ରୀତାରାଣୀ ଦାଶ ଓ ନରେନ୍ଦ୍ର ସାହୁ ପ୍ରମୁଖ ଯୁବ ସାହିତ୍ୟିକ ରହିଛନ୍ତି । ଏହାବ୍ୟତୀତ ରାଜ୍ୟର ବିଭିନ୍ନ ଜିଲା ସମେତ ମୁମ୍ବାଇ, ବାଙ୍ଗାଲୋର, ଝାଡଖଣ୍ଡରେ ଓଡ଼ିଆ ସାହିତ୍ୟର ବିକାଶ ଓ ଓଡ଼ିଆ ସାହିତ୍ୟ ରଚନା ଉପରେ ବ୍ରତୀ ଥିବା ସାହିତ୍ୟିକଙ୍କୁ ସମ୍ବର୍ଦ୍ଧିତ କରାଯିବାର ମଧ୍ୟ କାର୍ଯ୍ୟକ୍ରମ ଥିବା ଅନୁଷ୍ଠାନର ପ୍ରତିଷ୍ଠାତା ନରେଶ କୁମାର ବେହେରା କହିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପଦ୍ମଚରଣ ଦାଶ, ସଂଗ୍ରାମ କେଶରୀ ଦାଶ, ରାଜେନ୍ଦ୍ର ପଣ୍ଡିତ ଓ ଏନ. ସାଇ ଆଶିଷ ପ୍ରମୁଖ ଉପସ୍ଥିତ ଥିଲେ ।

# ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମ

ପାତ୍ରପୁର, ୩୦ା୧୨ (ଡି.ଏନ୍.ଏ.)

ପାତ୍ରପୁର ବ୍ଲକର ବିଭିନ୍ନ ଆଦିବାସୀ ଗ୍ରାମରେ ସୋମବାର ପ୍ରଶାସନ ପହଞ୍ଚି ଦ୍ୱିତୀୟ ପର୍ଯ୍ୟାୟ ଦମନ୍ ବା ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏଥିରେ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଜୟଦେବ ବେହେରା, ଦୀପକ ମହାପାତ୍ର,ଫାର୍ମାଶିଷ୍ଟ ଉମାଚରଣ ପ୍ରଧାନ, ସମ୍ବାରୁ ନାୟକ, ରଙ୍ଗଲତା ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଚିକିତ୍ସା କରିଥିଲେ । ଏହି କାର୍ଯ୍ୟକ୍ରମ ୩ ଦିନ ଧରି ଚାଲିବାକୁ ଥିବାବେଳେ ପ୍ରଥମ ଦିନରେ ବୁଢ଼ାଆମ୍ବ, ଭାଲିଆବାଡ଼ ଦୁଇଟି ଗ୍ରାମରେ ୮୭ ଜଣଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇ ୭ ଜଣଙ୍କୁ ମ୍ୟାଲେରିଆ ହୋଇଥିବା ଜଣାପଡ଼ିଛି। ରୋଗୀଙ୍କୁ ଆବଶ୍ୟକ ଔଷଧ ଦିଆଯାଇଛି।

## ନୂଆବର୍ଷକୁ ସ୍ୱାଗତ ପାଇଁ ସବୁଠି ପ୍ରସ୍ତୁତି

# ୟୁନିୟନ କ୍ଲବ ପକ୍ଷରୁ ମେଗା ନାଇଟ ଶୋ



ୟୁନିୟନ କ୍ଲବରେ ଜିରୋ ନାଇଟ ସେଲିବ୍ରେଶନ ପାଇଁ ଚାଲିଥିବା ପ୍ରସ୍ତୁତି ।

ବ୍ରହ୍ମପୁର ଅଫିସ,୩୦ା୧୨

ଗୋଟିଏ ଦିନପରେ ନୂଆ ବର୍ଷ । ମଙ୍ଗଳବାର ୨୦୧୯ ବର୍ଷର ଶେଷ ଦିନ । ନୂତନ ବର୍ଷ ୨୦୨୦କୁ ସ୍ୱାଗତ କରିବାକୁ ଦିନକ ପୂର୍ବରୁ ବ୍ରହ୍ମପୁର ସହରବାସୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ୨୦୧୯ ବର୍ଷର ଶେଷ ରାତ୍ରି ଓ ନୂଆ ବର୍ଷକୁ ସ୍ୱାଗତ କରିବାକୁ ବିଭିନ୍ନ ଯୋଜନା ପ୍ରସ୍ତୁତ କରୁଛନ୍ତି ସହରବାସୀ । ଏହି ନବବର୍ଷକୁ ଆନନ୍ଦ ଉଲ୍ଲାସର ସହ ପାଳନ କରିବାକୁ ବିଭିନ୍ନ କ୍ଲବ, ହୋଟେଲ ସମେତ ବହୁ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ ତଥା ମେଗା ନାଇଟ ଶୋର ଆୟୋଜନ ହେଉଛି। ଯୁବପିଢି କିପରି ନିଜର ବନ୍ଧୁ, ପରିଜନଙ୍କୁ ଶୀଘ୍ର ଶୁଭେଚ୍ଛା ଜଣାଇବା ସହ ଏହାକୁ ସେଲିବ୍ରେଟ କରିବେ ସେ ନେଇ ମଧ୍ୟ ଯୋଜନା ପ୍ରସ୍ତୁତ କରୁଥିବା ଦୃଷ୍ଟିକୁ ଆସିଛି ।

ମଙ୍ଗଳବାର ବିଦାୟ ନେବ ୨୦୧୯ । ବୁଧବାରରୁ ଶୁଭାରମ୍ଭ ହେବ ନୂତନ ବର୍ଷ ୨୦୨୦ । ଏଥିପାଇଁ ମଙ୍ଗଳବାର ରାତିରୁ ଉତ୍ସବ ଆରମ୍ଭ ହେବ। ମଧ୍ୟରାତ୍ରିରେ ନୂତନ ବର୍ଷକୁ ଆତସବାଜି, ନୃତ୍ୟ, ସଙ୍ଗୀତର ତାଳେ ତାଳେ ସ୍ୱାଗତ କରିବାକୁ ସହରବାସୀଙ୍କ ମଧ୍ୟରେ ଜୋରଦାର ପ୍ରସ୍ତୁତି ଚାଲିଛି। ନୂଆବର୍ଷର ସ୍ୱାଗତ ଉତ୍ସବକୁ ଅଧିକ ସ୍ମରଣୀୟ କରିବାକୁ ବିଭିନ୍ନ କ୍ଲବ ଓ ଅନୁଷ୍ଠାନ ପକ୍ଷରୁ ମଙ୍ଗଳବାର ରାତିରେ ସେଲିବ୍ରିଟି ନାଇଟ, ନୃତ୍ୟ, ଗୀତ ଓ ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି । ପିଭିଏନ୍ ରାଓ ପେଟ୍ରୋଲ ପମ୍ପ ଛକ ସ୍ଥିତ ୟୁନିୟନ କ୍ଲବ ପକ୍ଷରୁ ଚଳିତ ବର୍ଷ ଆୟୋଜିତ ମେଗା ନାଇଟ ଇଭେଣ୍ଟରେ ବିଖ୍ୟାତ ପ୍ରଚ୍ଛଦପଟ୍ଟ ଗାୟକ ତିଲକ ଚକ୍ରବର୍ତ୍ତୀ, ଡୋଲନ ମନାକ୍‌ଙ୍କ ସହ କୋଲକାତା ରକ୍ସ ଡ୍ୟାନ୍ସ ଗ୍ରୁପ ଯୋଗଦେବାକୁ ଥିବା କ୍ଲବ ସମ୍ପାଦକ ବାଳକୃଷ୍ଣ ସାହୁ ସୂଚନା ଦେଇଛନ୍ତି। ଏହାକୁ ବାଦ ଦେଇ କେତେକ ହୋଟେଲ୍ ଏବଂ ଇଭେଣ୍ଟ ମ୍ୟାନେଜମେଣ୍ଟ ସଂସ୍ଥା, ବିଭିନ୍ନ ଆପାର୍ଟମେଣ୍ଟ ଆସୋସିଏଶନ ପକ୍ଷରୁ ମଧ୍ୟ ନୂତନ ବର୍ଷକୁ ସ୍ୱାଗତ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା ସୂଚନା ମିଳିଛି।

ଅନ୍ୟପକ୍ଷରେ ନୂଆ ବର୍ଷକୁ ସ୍ୱାଗତ ଜଣାଇବା କ୍ଷେତ୍ରରେ କେକ୍‌ର ଚାହିଦା ରହୁଛି । ଏହାକୁ ଦୃଷ୍ଟିରେ ରଖି ସହରରେ ଥିବା ବିଭିନ୍ନ ବେକେରିରେ ସୋମବାରରୁ ଜୋରଦାର କେକ୍ ପ୍ରସ୍ତୁତି ଆରମ୍ଭ ହୋଇଛି । ଚଳିତ ବର୍ଷ ଥ୍ରି-ଡି ଓ ଆଇସ୍ କେକ୍‌ର ଚାହିଦା ଥିବାରୁ ଦୋକାନରେ ଅଧିକ ପରିମାଣର ଏହି କେକ୍ ପ୍ରସ୍ତୁତ କରାଯାଉଥିବା ଦେଖିବାକୁ ମିଳିଛି। ଏକ କିଲୋ ଥ୍ରି-ଡି କେକ୍‌ର କେଜି ପିଛା ମୂଲ୍ୟ ସାତଶହ ଟଙ୍କା ରହିଛି । ସେହିଭଳି ସାଧାରଣ ଆଇସ୍ କେକ୍‌ର ଦର କିଲୋ ପିଛା ୭ଶହ ଟଙ୍କା ଥିବା ବେଳେ ଡିଜାଇନ୍ କେକ୍‌ର ଦର କିଲୋ ପିଛା ୩ ଶହଟଙ୍କା ରହିଛି ବୋଲି କାରିଗର ସାୟଦ୍ ଜାଭେଦ୍ ପ୍ରକାଶ କରିଛନ୍ତି। ଅପରପକ୍ଷେ ନୂତନ ବର୍ଷର ଶୁଭେଚ୍ଛା ବାର୍ତ୍ତା ପ୍ରେରଣରେ ମାଧ୍ୟମ ପାଲଟିଥିବା ଗ୍ରୀଟିଂ କାର୍ଡର ଚାହିଦା ଚଳିତ ବର୍ଷ ହ୍ରାସ ପାଇଥିବା ଦେଖିବାକୁ ମିଳିଛି। ସୋସିଆଲ ମିଡିଆରେ ଶୁଭେଚ୍ଛା ବାର୍ତ୍ତା ଆଦାନ ପ୍ରଦାନ ହେତୁ ଗ୍ରୀଟିଂ କାର୍ଡର ଚାହିଦା କମିଥିବା ବେଳେ ଗିଫ୍ଟ ଆଇଟମ୍‌ର ଚାହିଦା ବୃଦ୍ଧି ପାଉଥିବା ଗ୍ରୀଟିଂ କାର୍ଡ ସପର ଅଞ୍ଜନା ମିଶ୍ର କହିଛନ୍ତି ।



ବଜାରରେ ମିଳୁଥିବା ବିଭିନ୍ନ ପ୍ରକାରର କେକ୍ ।




ଲଗା ଯାଇଥିବା ସେଲିବ୍ରେଟିଙ୍କ ପୋଷ୍ଟର ।

■ଆଇସ, ଥ୍ରି-ଡି କେକ୍‌ର ବଢ଼ୁଛି ଚାହିଦା

■ସୋସିଆଲ ମିଡିଆ ଯୋଗୁ ହ୍ରାସ ପାଇଛି ଗ୍ରୀଟିଂ କାର୍ଡ ଚାହିଦା

## ସଂକ୍ଷେପରେ

### ନଦୀରେ ବୁଡ଼ି ମହିଳାଙ୍କ ମୃତ୍ୟୁ

**ଦିଗପହଣ୍ଡି,୩୦।୧୨(ଡି.ଏନ.ଏ.):** ଦିଗପହଣ୍ଡି ବ୍ଲକ କଇଠଖଣ୍ଡି ପଞ୍ଚାୟତ ନୂଆଗଡ଼ ଗ୍ରାମ ଘୋଡାହାଡ ନଦୀଗଣ୍ଡରୁ ସୋମବାର ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ନୂଆଗଡର ଜୟନ୍ତୀ ଗୌଡ (୪୮)। ଏ ନେଇ ନଂ. ୧୪/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

ଜୟନ୍ତୀ ପୂର୍ବାହ୍ନ ପ୍ରାୟ ୧୦ଟାରେ ନଦୀଗଣ୍ଡକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ ଅସାବଧାନତା କାରଣରୁ ଗଭୀର ନଦୀ ଗଣ୍ଡକୁ ଚାଲିଯାଇଥିଲେ। ଆଖପାଖ ଲୋକେ ତାଙ୍କୁ ଉଦ୍ଧାର ପାଇଁ ଚେଷ୍ଟା କରିଥିଲେ ମଧ ପାଇ ନ ଥିଲେ। ସ୍ଥାନୀୟ ସରପଞ୍ଚ ପ୍ରତିନିଧି କୀର୍ତ୍ତିଚନ୍ଦ୍ର ଗୌଡ଼ ଦିଗପହଣ୍ଡି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ଅଧିକାରୀମାନେ ପହଞ୍ଚି ନଦୀ ଗଣ୍ଡରୁ ମହିଳାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦିଗପହଣ୍ଡି ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ କଇଠଖଣ୍ଡି ରାଜସ୍ୱ ନିରୀକ୍ଷକ ଫକୀର ମୋହନ ରାଉତ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ରିପୋର୍ଟ ସଂଗ୍ରହ କରି ଫେରିଛନ୍ତି। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଛି।

### ଓଡ଼ିଶା ଖବରଦାତା ସଂଘ ସଭାପତିଙ୍କ ସ୍ମୃତିସଭା

**ଧରାକୋଟ,୩୦।୧୨(ଡି.ଏନ.ଏ.):** ଧରାକୋଟ ପ୍ରେସ କ୍ଲବ ତରଫରୁ ଓଡ଼ିଶା ଖବରଦାତା ସଂଘ ସଭାପତି ତଥା ପ୍ରେସ କାଉନସିଲ ମେମ୍ବର ପ୍ରଭାତ ଦାଶଙ୍କ ବିୟୋଗରେ ପ୍ରେସ କ୍ଲବ କାର୍ଯ୍ୟାଳୟରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଧରାକୋଟ ବ୍ଲକ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ ଅଧକ୍ଷତା କରିଥିଲେ। ଗଞ୍ଜାମ ଜିଲା ଖବରଦାତା ସଂଘ ସଭାପତି ରବୀନ୍ଦ୍ର କୁମାର ପଟ୍ଟନାୟକ, ସାଧାରଣ ସମ୍ପାଦକ ବିଷ୍ଣୁ କେଶରୀ ଆଚାର୍ଯ୍ୟ ଅତିଥି ଭାବେ ଯୋଗଦେଇ ପ୍ରଭାତଙ୍କ ସ୍ମୃତିଚାରଣ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଥିଲେ। କାର୍ଯ୍ୟକ୍ରମରେ ଧରାକୋଟ ବ୍ଲକର ସଭ୍ୟ ଶିଶିର କୁମାର ମହାନ୍ତି, ଗିରିଜା ପ୍ରସାଦ ରଥ, ଅଶେଷ ପାତ୍ର, ଶିବାଜୀ ଗଣେଶ ପଣ୍ଡା, ହୃଦାନନ୍ଦ ଜେନା, ରୁଦ୍ର ନାରାୟଣ ପଣ୍ଡା, ରବୀନ୍ଦ୍ର ପ୍ରଧାନ ପ୍ରମୁଖଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

■ ଜନସେବା କେନ୍ଦ୍ର ଖୋଲିବାରେ ଅନିୟମିତତା

# ମାସକ ପରେ ତଦନ୍ତ ଆରମ୍ଭ, ୩ ଜଣଙ୍କ ବୟାନ ରେକର୍ଡ

■ ଧମକ ଦିଆଯାଉଥିବା ଅଭିଯୋଗ

■ ସନ୍ଦେହ ଘେରରେ ଇ-ଗଭର୍ନାନ୍ସ କର୍ମଚାରୀ

**ଛତ୍ରପୁର,୩୦।୧୨(ଡି.ଏନ.ଏ)**

ଗଞ୍ଜାମ ଜିଲାରେ ଜନସେବା କେନ୍ଦ୍ର ଖୋଲିବା ପାଇଁ ମଞ୍ଜୁରୀ ଦେବାରେ ଅନିୟମିତତା ହୋଇଥିବା ପୂର୍ବରୁ ଜିଲାପାଳ ଓ ଅତିରିକ୍ତ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା । ସେ ସମୟରେ ଅଭିଯୋଗର ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ମାସକ ପରେ ସୋମବାର ତଦନ୍ତ ଆରମ୍ଭ ହୋଇଛି । ତଦନ୍ତ ଦାୟିତ୍ୱରେ ଥିବା ଆସିଷ୍ଟାଣ୍ଟ କଲେକ୍ଟର (ଜୁଡିସିଆଲ) ଲିଲନ୍ ପ୍ରସାଦ ସାହୁ ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟରେ ୩ ଜଣଙ୍କ ବୟାନ ରେକର୍ଡ କରିଛନ୍ତି। ଅନ୍ୟପକ୍ଷରେ ଟଙ୍କା ଆଦାୟ କରିଥିବା ଜିଲାପାଳଙ୍କ କାର୍ଯ୍ୟାଳୟର ଜିଲା ଇ-ଗଭର୍ନାନ୍ସ ଦାୟିତ୍ୱରେ ଥିବା କର୍ମଚାରୀ ବିଭିନ୍ନ ଲୋକଙ୍କ ଜରିଆରେ ଧମକ ଦେଉଥିବା ସୋମବାର ଜନସେବା କେନ୍ଦ୍ର ଆବେଦନକାରୀ ଓ ଅନ୍ୟମାନେ ଆସିଷ୍ଟାଣ୍ଟ କଲେକ୍ଟରଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏହାର ସମସ୍ତ ପ୍ରମାଣ ମଧ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଜନସେବା କେନ୍ଦ୍ର ଖୋଲିବା ପାଇଁ ମଞ୍ଜୁରୀ ଦେବା ନିମନ୍ତେ ଟଙ୍କା କାରବାର ହୋଇଥିବା ଓ ଏଥିପାଇଁ ଇ-ଗଭର୍ନାନ୍ସ କର୍ମଚାରୀଙ୍କ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର କରାଯାଇଥିବା ନେଇ ପୂର୍ବରୁ ଅତିରିକ୍ତ ଜିଲାପାଳଙ୍କୁ ଅବଗତ କରାଯାଇଥିଲା। ୨ ତାରିଖରେ ଗଞ୍ଜାମ ଭିଏଲଇ ସୋସାଇଟି ପକ୍ଷରୁ ତତ୍କାଳୀନ ଅତିରିକ୍ତ ଜିଲାପାଳ ଲକ୍ଷ୍ମୀକାନ୍ତ ସେଠୀଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଥିଲା । ଉକ୍ତ ଅଭିଯୋଗର ତଦନ୍ତ ପାଇଁ ଆସିଷ୍ଟାଣ୍ଟ କଲେକ୍ଟରଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଏପରି କି ମଧବର୍ତ୍ତୀ ଚୁକ୍ତି ବନ୍ଦ କରିବା ପାଇଁ ମଧ ଦାବି କରାଯାଇଥିଲା । ତେବେ ମାସକ ପରେ ତଦନ୍ତ ଆରମ୍ଭ ହୋଇଥିବା ଏବଂ ଚୁକ୍ତି ଚାଲିଥିବା ନେଇ ଅଭିଯୋଗକାରୀମାନେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଅଭିଯୋଗକାରୀ ଓ ଟଙ୍କା ଟ୍ରାନ୍ସଫର କରାଯାଇଥିବା ଆକାଉଣ୍ଟଧାରୀଙ୍କୁ ବୟାନ ରେକର୍ଡ ପାଇଁ ନୋଟିସ୍ କରାଯାଇଥିବାବେଳେ ଯାହା ଉପରେ ଅଭିଯୋଗ ଆସିଛି ତାଙ୍କ ବୟାନ ମଧ ରେକର୍ଡ ହୋଇନି ।



ଅଭିଯୋଗ କରିବାକୁ ଆସିଥିବା ଆବେଦନକାରୀମାନେ।

### ନଷ୍ଟ କରାଗଲା ଗଞ୍ଜେଇ ଗଛ

**ଆର.ଉଦୟଗିରି, ୩୦।୧୨(ଡି.ଏନ.ଏ.)**

ଆର.ଉଦୟଗିରି ଥାନା ସୁନ୍ଦରଡାଙ୍ଗ ପଞ୍ଚାୟତର ଆଟିଲିମା ଓ ରାମଗିରି ଗ୍ରାମର ପାହାଡ଼ରେ ଲାଗିଥିବା ଗଞ୍ଜେଇ ଗଛକୁ ସୋମବାର ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ପୋଡ଼ି ଦିଆଯାଇଛି। ଉକ୍ତ ଅଞ୍ଚଳରେ ଗଞ୍ଜେଇ ଚାଷ ହୋଇଥିବା ଖବର ପାଇ ଜିଲାପାଳ ଅନୁପମ ସାହା, ଏସ୍‌ପି ସାରା ଶର୍ମା ଏବଂ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ନିର୍ଦ୍ଦେଶରେ ପ୍ରାୟ ୩୨ ଏକର ଜମିର ଗଞ୍ଜେଇ ଗଛକୁ କାଟି ନଷ୍ଟ କରାଯାଇଛି। ଚଢାଉରେ ଆର.ଉଦୟଗିରି ତହସିଲଦାର ସ୍ମୃତିରଞ୍ଜନ ସତପଥୀ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ବେଳେ ଆର.ଉଦୟଗିରି ଏସ୍‌ଡିପିଓ ଅଶୋକ କୁମାର ମାହାନ୍ତି, ଥାନାଧିକାରିଣୀ ମମତା ନାୟକ ପ୍ରମୁଖଙ୍କ ସହ ବହୁ ଅବକାରୀ, ପୋଲିସ ଉପସ୍ଥିତ ଥିଲେ।

■ ମୋଟାବାଡ଼ି ସେବା ସମବାୟ ସମିତିରେ ତାଲା

## ମଣ୍ଡି ଖୋଲିବା ଦାବିରେ ଚାଷୀଙ୍କ ଧାରଣା

**ବୁଗୁଡ଼ା,୩୦।୧୨(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକ ଅନ୍ତର୍ଗତ ମୋଟାବାଡ଼ି ସେବା ସମବାୟ ସମିତିରେ ଦୀର୍ଘଦିନ ଧରି ତାଲା ପଡ଼ିଥିବାରୁ ସେଠାରେ ଏଯାଏ ମଣ୍ଡି ଖୋଲୁନାହିଁ। ଫଳରେ ଚାଷୀମାନେ ମଣ୍ଡିରେ ଧାନ ବିକ୍ରୟ କରି ନ ପାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ୫୦ରୁ ଊର୍ଦ୍ଧ୍ୱ ଚାଷୀମାନେ ସୋମବାର ମଣ୍ଡି ଖୋଲିବା ଦାବି କରି ସମବାୟ ସମିତି କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ପ୍ରକାଶ ଯେ, ବ୍ଲକରେ ଅଳ୍ପ କେତେକ ସେବା ସମବାୟ ସମିତିରେ ଧାନମଣ୍ଡି ଖୋଲିଥିବା ବେଳେ ଆଉ କେତେକ ଖୋଲିନାହିଁ। ସେଥିରୁ ମୋଟାବାଡ଼ି ସେବା ସମବାୟ ସମିତିରେ ବି ତାଲା ପଡ଼ିଛି। ଏଥିପାଇଁ ଚାଷୀମାନେ ମଣ୍ଡିରେ ଧାନ ବିକି ନ ପାରି ଦୋକାନରେ କମ ମୂଲ୍ୟରେ ଧାନ ବିକ୍ରି କରି ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ସେବା ସମବାୟ ସମିତିର ସମ୍ପାଦକଙ୍କ ଅନିୟମିତତା କାର୍ଯ୍ୟକଳାପ ନେଇ ପ୍ରଶାସନ ପକ୍ଷରୁ ତାଙ୍କୁ ନିଲମ୍ବିତ କରାଯାଇଥିଲା। କିନ୍ତୁ ସେ ବର୍ତ୍ତମାନ ଯାଏ ସମିତିର କାଗଜପତ୍ର ଓ କାର୍ଯ୍ୟାଳୟର ଚାବି ହସ୍ତାନ୍ତର କରିନାହାନ୍ତି। ପ୍ରଶାସନ ବାରମ୍ବାର ତାଗିଦ୍ କଲେ ମଧ ସେ ଶୁଣୁନାହାନ୍ତି। ଏହି କାର୍ଯ୍ୟକୁ ସମ୍ଭାଳିବା ପାଇଁ ବୁଗୁଡ଼ା ସେବା ସମବାୟ ସମିତି ସମ୍ପାଦକ ସନ୍ତୋଷ କୁମାର ଗୌଡ଼ଙ୍କୁ ଦାୟିତ୍ୱ ଦିଆଯାଇଥିଲେ ମଧ ତାଙ୍କୁ ଚାବି ଦିଆଯାଇ ନ ଥିବା ସେ କହିଛନ୍ତି। ବର୍ତ୍ତମାନ ସମିତି ସଭାପତି ବୁଲୁ ଆରୁଖ ଏ ବିଷୟରେ ଜଣାଇଥିଲେ ମଧ କିଛି ସୁଫଳ ମିଳୁନାହିଁ। ତେଣୁ ବାଧହୋଇ ଚାଷୀମାନେ ବିକ୍ଷୋଭ କରିଥିଲେ। ଏ ସମ୍ପର୍କରେ ଏ.ଆ.ର ବିଜୟ ଚନ୍ଦ୍ର ଦାଶଙ୍କୁ ପଚାରିବାରୁ ଉକ୍ତ ସମସ୍ୟାର ପ୍ରତିକାର ପାଇଁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯିବା ସହ ଚାଷୀଙ୍କ ଧାନ ବିକ୍ରୟ ବ୍ୟବସ୍ଥାକୁ ଅଗ୍ରାଧିକାର ଦିଆଯିବ ବୋଲି କହିଥିଲେ ।



ସେବା ସମବାୟ ସମିତି ଆଗରେ ଚାଷୀଙ୍କ ଧାରଣା।

### ଜାତୀୟ ସେବା ଶିବିର ଉଦ୍‌ଯାପିତ

**ଆସିକା,୩୦।୧୨(ଡି.ଏନ୍.ଏ.)**

ଆସିକା ବ୍ଲକ ଅନ୍ତର୍ଗତ ବରଗାଁରେ ମେକ ମାଇକେଲ ସଂସ୍କୃତ ମହାବିଦ୍ୟାଳୟର ଜାତୀୟ ସେବା ସଂସ୍ଥା ପକ୍ଷରୁ ଚାଲିଥିବା ସେବା ଶିବିର ସୋମବାର ଉଦ୍‌ଯାପିତ ହୋଇଛି । ଶେଷ ଦିନରେ ବରଗାଁ କଲ୍ୟାଣ ମଣ୍ଡପ ଠାରେ ମହାବିଦ୍ୟାଳୟର ଅଧକ୍ଷ ଅଶ୍ୱିନୀ କୁମାର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିକା ଏମ୍‌ପି ପ୍ରମିଳା ବିଷୋୟୀ, ବିଧାୟିକା ମଞ୍ଜୁଳା ସ୍ୱାଇଁ, ଜିଲା ପରିଷଦ ସଦସ୍ୟଙ୍କ ପ୍ରତିନିଧି ରାଜେଶ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ । ଗତ ସପ୍ତାହେ ଧରି ଏହି ଗ୍ରାମରେ ସେବା ଯୋଜନା ପକ୍ଷରୁ ବିଭିନ୍ନ ସଚେତନ କାର୍ଯ୍ୟକ୍ରମ କରାଯାଇଥିଲା । କାର୍ଯ୍ୟକ୍ରମ ଅଧିକାରୀ ଅଧାପକ ବାବାନାଥ ମିଶ୍ରଙ୍କ ତତ୍ତ୍ୱାବଧାନରେ ୨୫ ଜଣ ସ୍ୱେଚ୍ଛାସେବୀ ଏହି ଶିବିରରେ ସାମିଲ ଥିଲେ ।

ରଷିକୁଲ୍ୟା ସ୍ନାତକ କଲେଜ ୨ ଛାତ୍ରୀଙ୍କ ବନାରସ ଯାତ୍ରା

## ଜାତୀୟସ୍ତରୀୟ କବାଡ଼ି ପ୍ରତିଯୋଗିତାରେ ଭାଗ ନେବେ

**ସୋରଡ଼ା,୩୦।୧୨(ଡି.ଏନ.ଏ.)**

ରଷିକୁଲ୍ୟା ସ୍ନାତକ ମହାବିଦ୍ୟାଳୟର ଯୁକ୍ତ ୩ ଦ୍ୱିତୀୟ ବର୍ଷର ଆରତି ପାତ୍ର, ପ୍ରଥମ ବର୍ଷର ପ୍ରତିମା ଦାଶ ସୋମବାର ବନାରସ ଯାତ୍ରା କରିଛନ୍ତି। ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଜାନୁଆରୀ ୧ରୁ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଜାତୀୟସ୍ତରୀୟ ମହିଳା କବାଡ଼ି ପ୍ରତିଯୋଗିତାରେ ସେମାନେ ଭାଗ ନେବେ। ଗତ ୧୮ ତାରିଖରେ ପ୍ରଥମେ ଆନ୍ତଃ କଲେଜ କବାଡ଼ିରେ ଏମାନେ ଭାଗ ନେଇଥିଲେ। ସେଠାରୁ ମନୋନିତ ହେବା ପରେ ଗତ ୨୫ ତାରିଖରୁ ସୋମବାର ପର୍ଯ୍ୟନ୍ତ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ତାଲିମ ନେଇଥିଲେ। ସୋମବାର ଏହି ୨ ଜଣ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୧୨ ଜଣିଆ ମହିଳା କବାଡ଼ି ଦଳରେ ବନାରସ ଯାତ୍ରା କରିଛନ୍ତି। ଖେଳ ଶିକ୍ଷକ ତପନ କୁମାର ସାହୁ, କୋଚ୍ ରବୀନ୍ଦ୍ର ଗୌଡ଼, ଅଧାପକ ଡ. ହୃଷୀକେଶ ମିଶ୍ର, ଅଧକ୍ଷ ରମେଶ ପାଢ଼ୀ ପ୍ରମୁଖ ସେମାନଙ୍କର ଉଜ୍ୱଳ ଭବିଷ୍ୟତ କାମନା ସହ ଅନ୍ୟମାନଙ୍କୁ ଏହା ପ୍ରେରଣା ଦେବ ବୋଲି କହିଛନ୍ତି।



ଆରତି ପାତ୍ର ଓ ପ୍ରତିମା ଦାଶ ।

### ଆମ ପୋଲିସ ସମିତିର ସଚେତନତା

**ପୁରୁଷୋତ୍ତମପୁର, ୩୦।୧୨(ଡି.ଏନ୍.ଏ.)**

ପୁରୁଷୋତ୍ତମପୁର ଥାନା ଆମ ପୋଲିସ ସମିତି ପକ୍ଷରୁ ଜଗନ୍ନାଥପୁର ପଞ୍ଚାୟତର ଶାସନ ପଲ୍ଲୀ ଗ୍ରାମରେ ଏକ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଥାନାଧିକାରୀ ଜଗନ୍ନାଥ ମଲ୍ଲିକ ପୌରୋହିତ୍ୟ କରି ଗୁଣି ଗାରେଡି ଅନ୍ଧବିଶ୍ୱାସକୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ଉକ୍ତ ଗାଁରେ ଦୀର୍ଘ ଦିନ ହେଲା ଗୁଣି ନେଇ ଗଣ୍ଡଗୋଳ ହେଉଥିବାରୁ ଏହାକୁ ଭୁଲି ସମସ୍ତେ ଏକତ୍ରିତ ହୋଇ ରହିବାକୁ କହିଥିଲେ। ଏଥିରେ ଏଏସଆଇ ରବୀନ୍ଦ୍ର ନାଥ ପାଣିଗ୍ରାହୀ, ବରିଷ୍ଠ ନାଗରିକ ସଂଘର ସମ୍ପାଦକ ପ୍ରଫୁଲ୍ଲ, ସୁରେନ୍ଦ୍ର ନାଥ ମହାନ୍ତି, ବୁଲୁ ଦାଶଙ୍କ ସମେତ ବହୁ ସଭ୍ୟ ଯୋଗଦେଇଥିଲେ।

## ଗାଁ ସାଥୀଙ୍କ ନାଁରେ କାର୍ଯ୍ୟାଦେଶ ପ୍ରଦାନ ଦାବି

**ବେଗୁନିଆପଡ଼ା, ୩୦।୧୨(ଡି.ଏନ.ଏ.)**

ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ସମସ୍ତ କାର୍ଯ୍ୟର କାର୍ଯ୍ୟାଦେଶ ଗାଁ ସାଥୀଙ୍କ ନାଁରେ କରିବା ପାଇଁ ସୋମବାର ବେଗୁନିଆପଡ଼ା ବ୍ଲକର ଗାଁ ସାଥୀ (ମେଟ୍)ମାନେ ବିଡିଓ ପ୍ରଦୀପ କୁମାର ପଣ୍ଡାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସଂଘର ସଭାପତି ରବୀନ୍ଦ୍ର ନାଥ ଗୌଡ ଓ ସମ୍ପାଦକ ଚରଣ ନାୟକଙ୍କ ନେତୃତ୍ୱରେ ସ୍ଥାନୀୟ ସିଦ୍ଧେଶ୍ୱର ମନ୍ଦିର ପରିସରରେ ଏକ ବୈଠକ ହୋଇଥିଲା। ଗଞ୍ଜାମ ଜିଲାପାଳଙ୍କ ପତ୍ର ସଂଖ୍ୟା ୧୩୧୦ ତା. ୬।୨।୧୯ ଓ ପତ୍ର ସଂଖ୍ୟା ୮୫୧ ତା.୧୭।୯।୧୯ରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ସମସ୍ତ କାର୍ଯ୍ୟର କାର୍ଯ୍ୟାଦେଶ ଗାଁ ସାଥୀ ମାନଙ୍କ ନାମରେ କରିବା ପାଇଁ ଦୁଇ ଥର ବ୍ଲକକୁ ଚିଠି କରିଛନ୍ତି। ଏପରିକି ପଞ୍ଚାୟତିରାଜ ପ୍ରମୁଖ ଶାସନ ସଚିବ ପତ୍ର ସଂଖ୍ୟା ୨୩୭୩୫ ତା ୧୭।୯।୧୯ରେ ମଧ ଗାଁ ସାଥୀମାନଙ୍କୁ ପର୍ଯ୍ୟାପ୍ତ ପରିମାଣର କାର୍ଯ୍ୟ ଯୋଗାଇ ଦେବା ଓ ଗାଁ ସାଥୀମାନଙ୍କୁ ନେଇ ସାପ୍ତାହିକ କିମ୍ବା ମାସିକ ସମୀକ୍ଷା ବୈଠକ କରିବା ପାଇଁ ନିର୍ଦ୍ଦେଶ ଥିଲେ ମଧ ବ୍ଲକସ୍ତରରେ ତାହା କାର୍ଯ୍ୟକାରୀ କରାଯାଉନାହିଁ। ଏ ନେଇ ସମ୍ବଳିତ ଏକ ପତ୍ର ବିଡିଓଙ୍କ କାର୍ଯ୍ୟାଳୟକୁ ଆସି ପ୍ରଦାନ କରିଥିଲେ। ଏ ସମ୍ପର୍କରେ ବିଡିଓଙ୍କୁ ପଚାରିବାରୁ ସେମାନେ ଦାବିପତ୍ର ଦେଇଛନ୍ତି, ଆଗାମୀ ଦିନରେ ସେମାନଙ୍କୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମରେ ସାମିଲ କରିବୁ କହିଥିଲେ।

## ମା' ବାଙ୍କେଶ୍ୱରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ୟଙ୍ଗଷ୍ଟାର କ୍ରିକେଟ କ୍ଲବ ବିଜୟୀ

**ଦିଗପହଣ୍ଡି,୩୦।୧୨(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ଗ୍ରାମ ମା' ବାଙ୍କେଶ୍ୱରୀ କ୍ରିକେଟ କ୍ଲବ ପକ୍ଷରୁ ଚାଲିଥିବା ଟୁର୍ଣ୍ଣାମେଣ୍ଟର ସୋମବାର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ନାରାୟଣପୁର ଗ୍ରାମର ୟଙ୍ଗଷ୍ଟାର କ୍ରିକେଟ କ୍ଲବ ପ୍ରତିପକ୍ଷ କୁଶପଡ଼ା ଗ୍ରାମ କ୍ରିକେଟ କ୍ଲବକୁ ପରାଜିତ କରି ପରବର୍ତ୍ତୀ ମ୍ୟାଚକୁ ଉନ୍ନୀତ ହୋଇଛି। ନାରାୟଣପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୫ ଉଇକେଟରେ ୧୭୩ ରନ କରିଥିଲା। ଜବାବରେ କୁଶପଡ଼ା କ୍ରିକେଟ କ୍ଲବ ୯ ଉଇକେଟ ହରାଇ ମାତ୍ର ୬୯ ରନ କରି ପରାଜିତ ହୋଇଥିଲା। ମାଧବ ରେଢ୍ଡୀ ଓ ନବୀନ ଦୋରା ମ୍ୟାଚରେ ଅମ୍ପାୟାରିଂ କରିଥିଲେ। ୟଙ୍ଗଷ୍ଟାର କ୍ରିକେଟ କ୍ଲବର ବଳରାମ ମଲ୍ଲିକ ୩୦ ବଲରେ ୭୧ ରନ ସଂଗ୍ରହ କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇ ଆୟୋଜକ କମିଟି ପକ୍ଷରୁ ପୁରସ୍କୃତ କରାଯାଇଥିଲା। ବାଙ୍କେଶ୍ୱରୀ କ୍ରିକେଟ କ୍ଲବ କର୍ମକର୍ତ୍ତା ସତୀଶ କୁମାର ଦୋରା, ବୁଲୁ ଦୋରା, ମିଥୁନ ଦୋରା, ଚିଣ୍ଟୁ ରେଢ୍ଡୀ, ରଞ୍ଜନ ଦୋରା, ସମୀର ଦୋରା ପ୍ରମୁଖ ସମସ୍ତ ସଭ୍ୟ ମ୍ୟାଚ ପରିଚାଳନାରେ ସହାୟତା କରିଥିଲେ।

## ଏନ୍‌ଏସି ପକ୍ଷରୁ ସଫେଇ ସଚେତନତା ଶୋଭାଯାତ୍ରା




ସଚେତନତାରେ ସାମିଲ ବିଜୁ ଯୁବ ବାହିନୀ କାର୍ଯ୍ୟକର୍ତ୍ତା।

**ଦିଗପହଣ୍ଡି,୩୦।୧୨(ଡି.ଏନ.ଏ.)**

ଦିଗପହଣ୍ଡି ଏନ୍‌ଏସି ପକ୍ଷରୁ ସୋମବାର ଅପରାହ୍ନରେ ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶା ମିଶନ ସହାୟତାରେ ସଫେଇ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏନ୍‌ଏସି ଅଧୀନ ୧୭ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ନେଇ ଗଠିତ ଅଗ୍ରଣୀ ମହିଳା ମହାସଂଘର ସମସ୍ତ କାର୍ଯ୍ୟକର୍ତ୍ତା, ସଭ୍ୟା, ବିଜୁ ଯୁବ ବାହିନୀ ଓ ଏନ୍‌ଏସିର ସମସ୍ତ କର୍ମଚାରୀ, ବିଭିନ୍ନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ବହୁ ସଂଖ୍ୟକ ସଦସ୍ୟା ଏଥିର ସାମିଲ ଥିଲେ। ସହରର ବସଷ୍ଟାଣ୍ଡ, ବଜାର ସମେତ ବିଭିନ୍ନ ଛକରେ ଆୟୋଜିତ ପଥପ୍ରାନ୍ତ ସଭା ଗୁଡ଼ିକରେ ବର୍ଜ୍ୟବସ୍ତୁ ପରିଚାଳନା, ଡଷ୍ଟବିନ ବ୍ୟବହାର କରି ନିଜ ଘର, ଦୋକାନର ଚତୁଃପାର୍ଶ୍ୱକୁ ପରିଷ୍କାର ରଖିବାକୁ ସଚେତନ କରାଯାଇଥିଲା। ଦୋକାନୀ ମାନେ ସେମାନଙ୍କ ଦୋକାନ ସମ୍ମୁଖରେ ଡଷ୍ଟବିନ ରଖିବା ବାଧ୍ୟତାମୂଳକ। ଏଥିରେ ଖିଲାପ କଲେ ଆଇନ ଅନୁଯାୟୀ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ସେମାନଙ୍କୁ କୁହାଯାଇଥିଲା। ଏନ୍‌ଏସି ଗୋଷ୍ଠୀ ସଂଯୋଜିକା ସ୍ନେହଲତା ମିଶ୍ର, କନିଷ୍ଠ ଯନ୍ତ୍ରୀ ଇଂ.ମମତା ପଣ୍ଡା, ପବିତ୍ରା ପ୍ରଧାନ, ଅଗ୍ରଣୀ ମହିଳା ସଂଘ ସଭାନେତ୍ରୀ ଝୁନୁ ବେହେରା, ସମ୍ପାଦିକା ବି.ମାମି ରେଢ୍ଡୀ, ବିଜୁ ଯୁବ ବାହିନୀ ସଂଯୋଜକ ସନ୍ତୋଷ ବାଡତ୍ୟା, ସଭାପତି ନୀଳାଞ୍ଚଳ ରଥ, ସମ୍ପାଦକ ମନ୍ମଥ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

■ ନିର୍ବାଚିତ ପରିଷଦ କାର୍ଯ୍ୟକାଳ ସରିବାର ୧୫ ମାସ

# ଝୁଲାଇ ରଖାଯାଇଛି ନିର୍ବାଚନ

**୧୫୨ ବର୍ଷର ବ୍ରହ୍ମପୁର ପୌରସଂସ୍ଥା, ବିଏମ୍‌ସି**

■ ଆଶଙ୍କାରେ ସବୁ ଦଳର ଆଶାୟୀ

■ ୨୦୧୮ ସୁଦ୍ଧା ୨୪ ଜିଲାପାଳ ପ୍ରଶାସକ

**ବ୍ରହ୍ମପୁର ଅଫିସ,୩୦।୧୨**

ବ୍ରହ୍ମପୁର ମହାନଗର ନିଗମ ନିର୍ବାଚିତ ପରିଷଦ ୫ ବର୍ଷିଆ କାର୍ଯ୍ୟକାଳ ୨୦୧୮ ସେପ୍ଟେମ୍ବର ୩୦ରେ ଶେଷ ହୋଇଛି। ଗତ ୧୫ ମାସ ହେବ ଗଞ୍ଜାମ ଜିଲାପାଳଙ୍କୁ ପ୍ରଶାସକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଜନ ପ୍ରତିନିଧି ନ ଥିବାରୁ ଉନ୍ନୟନ କାର୍ଯ୍ୟ ସବୁ ୱାର୍ଡରେ ଧିମା ହୋଇଯାଇଥିବା ବିଭିନ୍ନ ମହଲରୁ ଅଭିଯୋଗ ହୋଇଛି।ସରକାରୀ ବାବୁମାନେ ବିକାଶ ମୂଳକ ଯୋଜନା କେବଳ ବୈଠକ ପରେ ବୈଠକରେ ସମୀକ୍ଷା କରୁଛନ୍ତି। ଫଳରେ ମହାନଗରବାସୀ ହନ୍ତସନ୍ତ ହେଉଛନ୍ତି। ପୂର୍ବତନ କର୍ପୋରେଟରମାନେ ଅସନ୍ତୋଷ ପ୍ରକାଶ କରୁଥିଲେ ମଧ ଝୁଲି ରହିଥିବା ପୌର ନିର୍ବାଚନ କେବେ ହେବ ଅନାଇ ରହିଛନ୍ତି। ତେବେ ସରକାରଙ୍କ ଅବହେଳା ବିରୋଧରେ ପାଟି ଖୋଲିବାକୁ ସାହସ କରୁନାହାନ୍ତି।

ସୂଚନାଯୋଗ୍ୟ, ମହାନଗରର ୪୦ ୱାର୍ଡ ମଧରୁ ଓବିସି, ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥାରେ ତ୍ରୁଟି ରହିଛି। ରାଜ୍ୟର ଉଚ୍ଚ ନ୍ୟାୟାଳୟ ସଂରକ୍ଷଣ ବ୍ୟବସ୍ଥା ୫୦% ମଧରେ ରଖିବାକୁ ରାୟ ଦେଇଥିଲେ। ଏହାକୁ ବିରୋଧ କରି ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ସେଠାର ହାଇକୋର୍ଟ ଆଦେଶ କାଏମ ରହିଛି। ତେଣୁ ଅଡୁଆ ସ୍ଥିତି ଉପୁଜିଛି। ପୁଣି ୱାର୍ଡଗୁଡ଼ିକ ପୁନର୍ଗଠନ ହେବା ବାଧ୍ୟତାମୂଳକ ହୋଇଥିବା ବେଳେ ଏଥିପାଇଁ ୧୯୫୦ ପୌର ଆଇନ ଏବଂ ୨୦୦୩ ମ୍ୟୁନିସିପାଲ କର୍ପୋରେଶନ ଆଇନର ସଂଶୋଧନ ନିହାତି ଆବଶ୍ୟକ । ତେଣୁ କ୍ୟାବିନେଟ ଅନୁମୋଦନ ପରେ ସଂଶୋଧନ ବିଲ ବିଧାନସଭାରେ ପାରିତ କରିବାକୁ ପଡ଼ିବ । ପରେ ରାଜ୍ୟପାଳଙ୍କ ମୋହର ବାଜିଲେ ତାହା କାର୍ଯ୍ୟକାରୀ ହେବ ।

କେବଳ ପୌର ନିଗମ ନୁହେଁ ସବୁ ପୌର ସଂସ୍ଥା ଓ ଏନ୍‌ଏସିରେ ଏହା ଲାଗୁ ହେବ । ଗଞ୍ଜାମ ଜିଲାରେ ବ୍ରହ୍ମପୁର ମହାନଗର ନିଗମ, ହିଞ୍ଜିଳି ପୌର ପରିଷଦ ଓ ଆଉ ୧୬ ଏନ୍‌ଏସି ରହିଛି । ଏହି ୧୮ ସହରାଞ୍ଚଳ ଦାୟିତ୍ୱ ୧୫ ମାସ ହେବ ସରକାରୀ ନିୟନ୍ତ୍ରଣରେ ଅଛି । କେବେ ପୌର ନିର୍ବାଚନ ହେବ ତାହା ଅନିଶ୍ଚିତ ହୋଇଯାଇଛି। ୨୦୧୮ ସେପ୍ଟେମ୍ବର ଶେଷ ସୁଦ୍ଧା ସବୁ ପୌର ସଂସ୍ଥା ବିଜେଡି ଦଖଲରେ ଥିଲା। ନିର୍ବାଚିତ କର୍ପୋରେଟର ଓ କାଉନସିଲରମାନେ ଶୀଘ୍ର ପୌର ନିର୍ବାଚନ ହେବ ଏବଂ ପୁଣି ବିଜେଡି ଦଖଲକୁ ଆସିବାର ସ୍ୱପ୍ନ ଦେଖିଥିଲେ। ତେବେ ଏହାର ନାଁ ଗନ୍ଧ ନ ଥିବାରୁ ସମସ୍ତେ ହତାଶ ହୋଇଯାଇଛନ୍ତି। ଏହାର ସୁଯୋଗରେ ବିରୋଧୀ ଭାଜପା ଓ କଂଗ୍ରେସ ସରକାରଙ୍କୁ ବିଭିନ୍ନ ଭାବରେ ସମାଲୋଚନା କରୁଛନ୍ତି। ସହରାଞ୍ଚଳ ଭୋଟ ଶାସକ ଦଳ ବିରୋଧରେ ଯିବାର ଆଶଙ୍କା କରି ନିର୍ବାଚନ ପାଇଁ ଭୟ କରୁଥିବା ବିରୋଧୀ ଦର୍ଶାଇଛନ୍ତି।

ବ୍ରହ୍ମପୁର ପୌର ପରିଷଦ ବ୍ରିଟିଶ ସରକାର ଶାସନରେ ୧୮୬୭ ରେ ପ୍ରତିଷ୍ଠା ହୋଇଥିଲା। ପୂର୍ବ ରେକର୍ଡ ନ ଥିଲେ ମଧ ୧୯୪୯ ରୁ ୨୦୦୧ ସୁଦ୍ଧା ୨୩ ଥର ନିର୍ବାଚିତ ପରିଷଦ ଭଙ୍ଗ ହୋଇଛି । ୨୩ ଜିଲାପାଳମାନେ ଶାସନ ମୁଖ୍ୟ ହୋଇଛନ୍ତି। ପୂର୍ବ ମ୍ୟୁନିସିପାଲିଟିର ଶେଷ ପ୍ରଶାସକ ଥିଲେ ଆଇଏଏସ୍ ଅଫିସର ସଞ୍ଜୀବ କୁମାର ମିଶ୍ର । ସେ ୨୦୦୧ ଡିସେମ୍ବର ୯ ରୁ ୨୦୦୩ ଅକ୍ଟୋବର ୭ ତାରିଖ ପର୍ଯ୍ୟନ୍ତ ନଗରପାଳ ବା ପ୍ରଶାସକ ଦାୟିତ୍ୱ ତୁଲାଇଥିଲେ । ୨୦୦୩ ଅକ୍ଟୋବର ୮ରେ ଅନୁଷ୍ଠିତ ପୌର ନିର୍ବାଚନରେ ପ୍ରଥମଥର ପାଇଁ ବିଜେଡି ସଂଖ୍ୟା ଗରିଷ୍ଠ ଲାଭ କରିଥିଲା ଏବଂ ପ୍ରଥମ ମହିଳା ନଗରପାଳ ହୋଇଥିଲେ ସୁଲୋଚନା ସ୍ୱାଇଁ। ୨୦୧୩ ପୌର ନିର୍ବାଚନରେ ତୃତୀୟ ଥର ପାଇଁ ବିଜେଡି ଜିତିବାରୁ ପ୍ରଥମ ମହିଳା ମେୟର ହୋଇଥିଲେ କେ. ମାଧବୀ। ଏବେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ନିଗମର ପ୍ରଶାସକ ଦାୟିତ୍ୱରେ ଅଛନ୍ତି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ମଙ୍ଗଳବାର, ଡିସେମ୍ବର ୩୧/୨୦୧୯ Berhampur, Tuesday, December 31/2019

## ସଂକ୍ଷେପରେ

### ସମୁଦ୍ରରେ ମତ୍ସ୍ୟଜୀବୀଙ୍କ ମୃତ୍ୟୁ

**ଭୋଗରାଇ, ୩୦।୧୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ କୃଷ୍ଣପୁର ଗ୍ରାମର ବିଶ୍ୱଜିତ୍ ପାଲ (୪୫) ନାମକ ମତ୍ସ୍ୟଜୀବୀଙ୍କ ସମୁଦ୍ରରେ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ଏନେଇ ତାଳସାରୀ ମେରାଇନ୍ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୫/୧୯) ରୁଜୁ କରାଯାଇ ଶବକୁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ସେଠାରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି। ମତ୍ସ୍ୟଜୀବୀ ପାଲ ଏକ ଡଙ୍ଗାରେ ସୋମବାର ଅପରାହ୍ନରେ ମାଛ ଧରିବାକୁ ସମୁଦ୍ର ମୁହାଣକୁ ଯାଇଥିଲେ। ସେ ମାଛ ମାରି ଫେରୁଥିବାବେଳେ କୂଳରେ ତାଙ୍କର ଅସ୍ୱାଭାବିକ ମୃତ୍ୟୁ ଘଟିଥିଲା। ମତ୍ସ୍ୟଜୀବୀଙ୍କୁ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମତ୍ସ୍ୟଜୀବୀଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଚାକିରି କରାଇଦେବା ନାଁରେ ଠକେଇ ଅଭିଯୁକ୍ତ ଯୁବକ ଗିରଫ

**ବସ୍ତା, ୩୦।୧୨(ସ୍ୱ.ପ୍ର.):** ଫକୀରମୋହନ ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଚାକିରି କରାଇଦେବାକୁ କହି ଟଙ୍କା ଠକି ନେଇ ପଳାଉଥିବା ଜଣେ ଯୁବକ ଲୋକଙ୍କ ଦ୍ୱାରା ଧରାପଡ଼ି ଗିରଫ ହୋଇଛନ୍ତି। ପୋଲିସ ଏକ ମାମଲା (ନଂ. ୪୪୯/୧୯) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ପ୍ରକାଶ ଯେ, ବସ୍ତା ଥାନା ମୁଣ୍ଡିମାରି ଗ୍ରାମ ନିବାସୀ ପର୍ଶୁରାମ ବେହେରାଙ୍କ ପୁଅ ହିମାଂଶୁଙ୍କୁ ଚାକିରି କରାଇଦେବାକୁ କହି ଖନ୍ତାପଡ଼ା ଥାନା ବାଉଶଁମୁହାଁ ଗ୍ରାମର ମହେଶ୍ୱର ବାରିକଙ୍କ ପୁଅ କାଶୀନାଥ ୨୦ ହଜାର ଟଙ୍କା ଅଗ୍ରିମ ନେଇଥିଲେ। ୪୦ହଜାରରୁ ଅବଶିଷ୍ଟ ୨୦ହଜାର ଟଙ୍କା ନିଯୁକ୍ତିପତ୍ର ପ୍ରଦାନ ବେଳେ ନେବେ ବୋଲି କହିଥିଲେ। ତଦନୁଯାୟୀ ଅଭିଯୁକ୍ତ କାଶୀନାଥ ନିଯୁକ୍ତିପତ୍ର ଦେଇ ଆସନ୍ତା ୨୦୨୦ ଜାନୁୟାରୀ ୨ରେ ଚାକିରିରେ ଯୋଗଦେବାକୁ ହିମାଂଶୁଙ୍କୁ କହିଥିଲେ। ମାତ୍ର ନିଯୁକ୍ତିପତ୍ର ନେଇ ସନ୍ଦେହ ପ୍ରକାଶ ପାଇବାରୁ ହିମାଂଶୁ ତାଙ୍କର ସାଙ୍ଗଙ୍କ ସହ ମିଶି ଖୋଳତାଡ କରିବା ପରେ ନିଯୁକ୍ତି ପତ୍ର ସମ୍ପୂର୍ଣ୍ଣ ଜାଲ ବୋଲି ଜଣାପଡ଼ିଥିଲା। ରବିବାର ସନ୍ଧ୍ୟାରେ ଅଭିଯୁକ୍ତ କାଶୀନାଥ ହିମାଂଶୁଙ୍କଠାରୁ ୨୦ହଜାର ଟଙ୍କା ନେବା ବେଳେ ତାଙ୍କୁ ଅଟକ ରଖାଯାଇଥିଲା। ଏହା ପରେ ତାଙ୍କୁ ଅମର୍ଦା ରୋଡ଼ ଫାଣ୍ଡି ଅଧିକାରୀ ରସାନନ୍ଦ ବେହେରାଙ୍କୁ ହସ୍ତାନ୍ତର କରାଯାଇଥିଲା।

### ଗଛରୁ ପଡ଼ି ନାବାଳକ ଗୁରୁତର

**କେନ୍ଦୁଝର, ୩୦।୧୨ (ସ୍ୱ.ପ୍ର.):** ଜାଳେଣି କାଠ ପାଇଁ ଜଣେ ନାବାଳକ ନିମ୍ବଗଛରେ ଚଢ଼ି କାଠ ଭାଙ୍ଗୁଥିବାବେଳେ ତଳେ ପଡ଼ିଯିବାରୁ ଗୁରୁତର ହୋଇଛନ୍ତି। କେନ୍ଦୁଝର ସଦର ବ୍ଲକ ହାଣ୍ଡିଭଙ୍ଗା ପଞ୍ଚାୟତ କଣାପୋଶି ଗ୍ରାମର ଶରତ ଓରାମଙ୍କ ପୁଅ ବିକାଶ (୧୬)ସୋମବାର ପୂର୍ବାହ୍ନ ୧୧ଟାରେ ନିଜ ଘର ନିକଟରେ ଥିବା ଏକ ନିମ୍ବଗଛରେ ଚଢ଼ି କାଠ ଭାଙ୍ଗୁଥିବାବେଳେ ତଳେ ପଡ଼ିଯାଇଥିଲେ।

## ଆତଙ୍କ ଖେଳାଇଲେ ହାତୀପଲ

# ଭାଙ୍ଗିଲେ ୩ ଘର, ମହିଳା ଗୁରୁତର

**ଚମ୍ପୁଆ,୩୦।୧୨(ଡି.ଏନ.ଏ)**

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜରେ ହାତୀପଲ ଆତଙ୍କ ଖେଳାଇଛନ୍ତି। ଗୋଟିଏ ରାତିରେ ୩ଟି ଘରକୁ ଭାଙ୍ଗିବା ସହ ଧାନ ଚାଉଳ ନଷ୍ଟ କରିଛନ୍ତି। ହାତୀ ପଲ ଘର ଭାଙ୍ଗିବାବେଳେ କାନ୍ଥ ପଡ଼ି ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ଏହି ପଲରେ ୨୩ଟି ହାତୀ ଥିବା ଜଣାପଡ଼ିଛି।

ସ୍ଥାନୀୟ କଇଁତା, ରଜିଆ ଓ କଞ୍ଚନପୁର ଅଞ୍ଚଳରେ ଆତଙ୍କରାଜ ଚଳାଇଛନ୍ତି। ଏହି ୩ଟି ସ୍ଥାନରେ ଘର ଭାଙ୍ଗିବା ସହିତ ଧାନ ଚାଉଳ ନଷ୍ଟ କରିପକାଇଛନ୍ତି। ସୂଚନା ଅନୁସାରେ ଗତ ରବିବାର ଏହି ହାତୀ ପଲ କଞ୍ଚନପୁରର ସୁଶାନ୍ତ ପ୍ରଧାନ, ରଜିଆର ଜାନକୀ ବେହେରା ଓ କଇଁତାର ଲୁବୁରୀ ମୁଣ୍ଡାଙ୍କ ଘର ଭାଙ୍ଗିଛନ୍ତି। ଲୁବୁରୀ ମୁଣ୍ଡା ଘରେ ଶୋଇଥିବା ବେଳେ ଏହି ହାତୀ ପଲ ଘର କାନ୍ଥକୁ ଠେଲି ଦେଇଥିଲେ। ଫଳରେ ଲୁବୁରୀ ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ବନ ବିଭାଗ ପକ୍ଷରୁ ହାତୀଙ୍କ ଗତିବିଧି ଉପରେ ନଜର ରଖାଯାଇଥିଲେ ମଧ୍ୟ ହାତୀ ଘଉଡ଼ାଇବାରେ ସଫଳ ହୋଇନାହାନ୍ତି। ବର୍ତ୍ତମାନ ହାତୀ ଗୁଡ଼ିକ ଇନ୍ଦ୍ରପ୍ରସ୍ଥ ଜଙ୍ଗଲରେ ରହିଥିବା ଜଣାଯାଇଛି।


ହାତୀ ଭାଙ୍ଗିଥିବା ଘର।

# ଆନ୍ଧ୍ରକୁ ଚାଲାଣ ବେଳେ ଧାନ ବୋଝେଇ ଟ୍ରକ୍ ଅଟକ

**ତିହିଡ଼ି, ୩୦।୧୨(ଡି.ଏନ.ଏ.)**


ଅଟକ ଥିବା ଧାନ ଟ୍ରକ।

ଭଦ୍ରକ ଜିଲା ତିହିଡ଼ି ବ୍ଲକରୁ ଆନ୍ଧ୍ରପ୍ରଦେଶକୁ ଚାଲାଣ ହେଉଥିବା ବେଳେ ଧାନ ବୋଝେଇ ଏକ ଟ୍ରକକୁ ସୋମବାର ତହସିଲ ଛକଠାରେ ତହସିଲଦାର ଅଟକ ରଖିଥିଲେ। ପରେ ଗାଡ଼ିକୁ ପୋଲିସକୁ ହସ୍ତାନ୍ତର କରାଯାଇଛି। ତହସିଲଦାର ରମେଶ ଚନ୍ଦ୍ର ପଣ୍ଡା ଧାନ ଯାଞ୍ଚ ପାଇଁ ଯୋଗାଣ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯୋଗାଣ ନିରୀକ୍ଷକ ଯାଞ୍ଚ କଲା ପରେ ପଦକ୍ଷେପ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି। ଟ୍ରକ ଚାଳକ ଓ ହେଲପରଙ୍କୁ ତିହିଡ଼ି ଥାନାରେ ଅଟକ ରଖାଯାଇଛି।

ସୂଚନାଥାଉ କି, ତିହିଡ଼ି ଅଞ୍ଚଳରୁ ପ୍ରତିଦିନ ହଜାର ହଜାର କୁଇଣ୍ଟାଲ ଧାନ ବାହାର ରାଜ୍ୟକୁ ଚାଲାଣ ହେଉଛି। ସରକାରୀ ଭାବେ ମଣ୍ଡି ଖୋଲିଥିଲେ ମଧ୍ୟ ଏଜେଣ୍ଟମାନେ ଚାଷୀଙ୍କୁ ପ୍ରବର୍ତ୍ତାଇ ଧାନ ସଂଗ୍ରହ କରୁଛନ୍ତି। ସରକାରୀ ମୂଲ୍ୟଠାରୁ କୁଇଣ୍ଟାଲ ପିଛା ୫ଶହ ଟଙ୍କା କମ୍‌ରେ ସେମାନେ ଧାନ କିଣୁଥିବାରୁ ଚାଷୀମାନେ ଶୋଷଣର ଶିକାର ହେଉଥିବା ଅଭିଯୋଗ ହେଉଛି। ପ୍ରଶାସନର ନିଷ୍କ୍ରିୟତା ଯୋଗୁ ଗତ ୧୫ ଦିନ ହେଲା ଏପରି ଧାନ ଚାଲାଣ ହେବାରେ ଲାଗିଥିଲା। ସୋମବାର ଏହି ବ୍ଲକରୁ ଏକ ଦଶଚକିଆ ଟ୍ରକ ଯୋଗେ ଧାନ ଚାଲାଣ ହେଉଥିବା କୌଣସି ସୂତ୍ରରୁ ଖବର ପାଇ ତହସିଲଦାର ଅଟକ ରଖିଥିଲେ।

## ସଚେତନତା ବାର୍ତ୍ତା ନେଇ

# ପୋଲିସ ଏଏସ୍‌ଆଇଙ୍କ ସାଇକେଲ ଯାତ୍ରା

**ଜଳେଶ୍ୱର, ୩୦।୧୨(ସ୍ୱ.ପ୍ର.)**

ନାରୀମାନଙ୍କ ସୁରକ୍ଷା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ସମୟରେ ନୂଆ ନୂଆ ଯୋଜନା ଘୋଷଣା କରୁଛନ୍ତି। ଜଣେ ସରକାରୀ କର୍ମଚାରୀ ଛୁଟି ନେଇ 'ବେଟି ବଚାଓ ଓ ବେଟି ପଢାଓ' ସ୍ଲୋଗାନ ନେଇ ସାଇକେଲରେ ଦେଶସାରା ଭ୍ରମଣ କରି ସଚେତନତା ସୃଷ୍ଟି କରୁଛନ୍ତି। ଦେଶରେ ବାଳିକାମାନଙ୍କ ସ୍ୱାକ୍ଷରତା ଓ ଜନ୍ମହାର କମୁଥିବାରୁ ଏଥିପାଇଁ ଜନସଚେତନତା ସୃଷ୍ଟି କରିବା ପାଇଁ ମହାରାଷ୍ଟ୍ରର ପୁନେ ଜିଲା ବାରାମତି ଥାନାର ଜଣେ ପୋଲିସ୍ ଏଏସ୍‌ଆଇ ଏକ୍‌ନାଥ ଜନାର୍ଦ୍ଦନ ଦେଶମଣୀ (୪୮) ଗତ ନଭେମ୍ବର ୧୪ ତାରିଖରୁ ନିଜ ଗ୍ରାମରୁ ବାହାରିଛନ୍ତି। ସେ ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ଓଡ଼ିଶା ସହିତ ବିଭିନ୍ନ ରାଜ୍ୟ ସମେତ ସମଗ୍ର ଦେଶ ଭ୍ରମଣ କରିବା ପରେ ପଡ଼ୋଶୀ ଦେଶ ନେପାଳ ଭ୍ରମଣ କରିବେ ବୋଲି ସୂଚନା ଦେଇଛନ୍ତି।

ସୋମବାର ମଧ୍ୟାହ୍ନରେ ସେ ଜଳେଶ୍ୱର ଥାନାରେ ପହଞ୍ଚିବା ପରେ ତାଙ୍କୁ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଆଇଆଇସି ଧନେଶ୍ୱର ସାହୁ ଓ ପୂର୍ବତନ ଆଇଆଇସି ପ୍ରଦୀପ କୁମାର ମାଝି ସ୍ୱାଗତ କରିଥିଲେ। ସେ ନିଜର ଯାତ୍ରା ସମ୍ପର୍କରେ ଉପସ୍ଥିତ ଖବରଦାତାମାନଙ୍କୁ ସୂଚନା ଦେବା ସହିତ ତାଙ୍କ ଯାତ୍ରାର ଉଦ୍ଦେଶ୍ୟ ଜଳ ସଂରକ୍ଷଣ, ବିଦ୍ୟୁତ୍ ସଂରକ୍ଷଣ, ପ୍ଲାଷ୍ଟିକ୍ ବ୍ୟବହାର ନିଷେଧ ଆଦି ସଚେତନତା ସୃଷ୍ଟି କରି ଆସନ୍ତା ଫେବୃୟାରୀ ୪ତାରିଖରେ ନିଜ ସହରକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି କହିଥିଲେ। ପରେ ସେ ଏଠାରୁ ସାଇକେଲ ଯୋଗେ ପଶ୍ଚିମବଙ୍ଗର ଖଡ଼ଗପୁର ଦେଇ ଉତ୍ତରପୂର୍ବ ରାଜ୍ୟ ଯଥା ଆସାମ, ଅରୁଣାଚଳପ୍ରଦେଶ, ମିଜୋରାମ, ମେଘାଳୟ ହୋଇ ନେପାଳ ଯିବେ ବୋଲି କହିଛନ୍ତି।


ବାଲେଶ୍ୱରରେ ପହଞ୍ଚିଥିବା ପୋଲିସ୍ ଏଏସ୍‌ଆଇ ଏକ୍‌ନାଥ ଜନାର୍ଦ୍ଦନ ଦେଶମଣୀ।

# ଧାମରାଇ ମନ୍ଦିର ହୁଣ୍ଡି ଭାଙ୍ଗି ଚୋରି, ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ

**ଚାନ୍ଦବାଲି, ୩୦।୧୨ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମରା ଅଞ୍ଚଳର ପ୍ରସିଦ୍ଧ ମା' ଧାମରାଇଙ୍କ ମନ୍ଦିରରୁ ରବିବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଚୋରମାନେ ମନ୍ଦିର ହୁଣ୍ଡି ଭାଙ୍ଗି ଟଙ୍କା ସହ ଅଳଙ୍କାର ଚୋରି କରି ନେଇଯାଇଛନ୍ତି। ସୋମବାର ସକାଳେ ପୂଜକ ମନ୍ଦିରକୁ ଆସି ଭଙ୍ଗାରୁଜା ଦେଖି ସ୍ଥାନୀୟ ଲୋକଙ୍କୁ ଖବର ଦେଇଥିଲେ। ପରେ ମନ୍ଦିର କମିଟି ସମ୍ପାଦକ ପ୍ରିୟରଞ୍ଜନ ଜେନା ଓ ସଭାପତି ସୁରେଶ ମାହୁନ୍ତ ଏ ସମ୍ପର୍କରେ ଧାମରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଥାନାଧିକାରୀ ଶ୍ରୀକାନ୍ତ ପତି ଅନ୍ୟ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏ ନେଇ ଥାନାରେ ଏକ ମାମଲା(ନଂ.୮୫/୧୯) ରୁଜୁ କରାଯାଇଛି। ଚୋରମାନେ ମନ୍ଦିର ମୁଖ୍ୟଦ୍ୱାର ତାଲା କାଟି ଭିତରେ ଥିବା ହୁଣ୍ଡିକୁ ଭାଙ୍ଗି ଚୋରି କରିଥିବାବେଳେ ଟଙ୍କା ଓ ଅଳଙ୍କାରର ସବିଶେଷ ବିବରଣୀ ମିଳିପାରି ନାହିଁ। ସାଇଣ୍ଟିଫିକ୍ ଦଳ ଓ ସନ୍ଧାନୀ କୁକୁର ଆଣି ତଦନ୍ତ କରାଯିବାକୁ ମନ୍ଦିର କମିଟି ଏବଂ ସ୍ଥାନୀୟ ଲୋକ ଦାବି କରିଥିଲେ। ଅପରାହ୍ନରେ ଭଦ୍ରକରୁ ସାଇଣ୍ଟିଫିକ୍ ଟିମ୍ ଏଠାକୁ ଆସି ତଦନ୍ତ କରି ଫେରିଛି। ତେବେ ମନ୍ଦିର ପ୍ରାଙ୍ଗଣରେ ସିସିଟିଭି ଲଗାଇବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।


ଧାମରାଇ ମନ୍ଦିର।




## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ୨ ଗିରଫ

# ଟାୟାର ଜାଳି ରାସ୍ତାରୋକୋ

**କୁଆମରା ୩୦।୧୨,(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅନ୍ତର୍ଗତ କୁଆମରା ଫାଣ୍ଡିଠାରୁ ଅଳ୍ପ ଦୂରରେ ରବିବାର ରାତିରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏହି ଘଟଣାକୁ କେନ୍ଦ୍ର କରି ସୋମବାର ସକାଳେ ସ୍ଥାନୀୟ ଲୋକେ ଅଭିଯୁକ୍ତଙ୍କ ଗିରଫ ଦାବି କରି ଉଦଳା - ବୈଶିଙ୍ଗା ରାସ୍ତାର ଭୋଳପୋଖରୀ ଛକ ନିକଟରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ ସହ ରାସ୍ତାରୋକ କରିଥିଲେ। ଏଥିଯୋଗୁ ଯାନବାହାନ ଚଳାଚଳ ଚାରି ଘଣ୍ଟା ଧରି ଠପ ହୋଇଯାଇଥିଲା। ଖୁଣ୍ଟା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆଲୋଚନା କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ତେବେ ଏହି ଘଟଣାରେ ସମ୍ପୃକ୍ତ ଚାରି ଜଣଙ୍କ ମଧ୍ୟରୁ ପୋଲିସ ଦୁଇଜଣଙ୍କୁ ଗିରଫ କରିବା ରେ ସକ୍ଷମ ହୋଇଥିବା ଜାଣିବାକୁ ମିଳିଛି।

ମରଣାନ୍ତକ ଆକ୍ରମଣର ଶିକାର ହୋଇଥିବା ଯୁବକ ହେଲେ କଡଦା ଗ୍ରାମର ଅଶ୍ୱିନୀ କୁମାର ଦାସ। ଏନେଇ ଅଶ୍ୱିନୀଙ୍କ ବାପା ପ୍ରଦୀପ କୁମାର ଦାସ ଖୁଣ୍ଟା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ରବିବାର ରାତି ପ୍ରାୟ ସାଢେ ଆଠଟା ସମୟରେ ଭୋଳପୋଖରୀ ଛକ ନିକଟରେ ଅଶ୍ୱିନୀଙ୍କ ସହ ଚାରି ଜଣ ଯୁବକଙ୍କର କୌଣସି କଥାକୁ ନେଇ ବଚସା ହୋଇଥିଲା। ପରେ ସେମାନେ ମିଳିତ ଭାବେ ଅଶ୍ୱିନୀଙ୍କୁ ମାଡ ମାରିବା ସହ ଭୁଜାଲିରେ ଆକ୍ରମଣ କରିଥିଲେ। ତେବେ ସ୍ଥାନୀୟ ଲୋକେ ଅଶ୍ୱିନୀଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି କୁଆମରା ଡାକ୍ତରଖାନାକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବାଲେଶ୍ୱର ପଠାଯାଇଥିଲା। ଅବସ୍ଥା ସଂକଟାପନ୍ନ ହେବାରୁ କଟକକୁ ସ୍ଥାନାନ୍ତରିତ କରାଯାଇଥିଲା। ତେବେ ଏ ଘଟଣାକୁ ନେଇ ସୋମବାର ଉତ୍ତେଜନା ପ୍ରକାଶ ପାଇବା ସହ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ। ସୂଚନାଯୋଗ୍ୟ ଅଭିଯୁକ୍ତଙ୍କ ଚାରିଜଣଙ୍କ ମଧ୍ୟରୁ ଜହର କୁମାର ମହାନ୍ତି ଓ ଶିବଶଙ୍କର ବାରିକଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ଥାନାରେ ଏକ ମାମଲା(ନଂ୧୫୯/୧୯) ରୁଜୁ କରାଯାଇଛି।


ଲୋକମାନେ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି।






1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ